ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଓ ୍ୃଫୈଷୟିକ ଫିଶ୍ୱଫିଦୟା□ୟ

ଭୁବନେଶ୍ୱର, ଓଡ଼ିଶା

# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 17-02-2026**

**କେନ୍ଦ୍ରାପଡା(ଓଡିଶା) - :2026-02-17 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2026-02-18 | 2026-02-19 | 2026-02-20 | 2026-02-21 | 2026-02-22 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 31.0 | 31.0 | 32.0 | 32.0 | 32.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 16.0 | 17.0 | 17.0 | 18.0 | 18.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 68 | 65 | 62 | 58 | 67 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 23 | 22 | 22 | 23 | 22 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 8 | 9 | 9 | 8 | 10 |
| ପବନର ଦିଗ (ଡିଗ୍ରୀ) | 310 | 303 | 293 | 310 | 280 |
| ମେଘାଚ୍ଛନ (ଅକ୍ଟା) | 4 | 4 | 1 | 3 | 2 |
| ସତର୍କବାଣୀ | କୁହୁଡ଼ି | କୁହୁଡ଼ି | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତୀୟ ପାଣିପାଗ ବିଭାଗ ର ପୂର୍ବନୁମାନ ଅନୁସାରେ, ଜିଲ୍ଲାରେ ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ମୁଖ୍ୟତଃ ପରିଷ୍କାର ରୁ ଆଂଶିକ ମେଘୁଆ ରହିବାର ସମ୍ଭାବନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ପବନ ୦୮ – ୧୦ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୩୧ – ୩୨ °C ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୧୬ – ୧୮ °C ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ କୁହୁଡିର ସତର୍କତା ଚେତାବନୀ ରହିଛି ।

## ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
| ନାହିଁ |

### ସାଧାରଣ ଉପଦେଶ:

| |
|---|
| □ ବର୍ତମାନ ଶୁଖିଲା ପାଗ ଓ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ଚାଷୀ ଭାଇ ମାନେ ଜମିରେ ବାରମ୍ବାର ଜଳ ସେଚନ କରନ୍ତୁ । □ ଜମିରେ ଜଳ ସଂରକ୍ଷଣ ପାଇଁ ଢୁଡା ଓ ସିଆର ପ୍ରଣାଳୀ ଜଳ ସେଚନ କୁ ପ୍ରାଧାନ୍ୟ ଦିଅନ୍ତୁ । ଫଳ ବଗିଚାରେ ମାଟିକୁ ଆଚ୍ଛାଦିକରଣର ବ୍ୟବସ୍ଥା କରନ୍ତୁ । □ ଅଧିକ ଅମଳକ୍ଷମ ଧାନ କିସମ ପାଇଁ ପିଲସାର ହିସାବ ରେ ଧାନ ରୋଇବାର 3 ସପ୍ତାହ ବେଳକୁ ଏକର ପ୍ରତି 35 କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । □ ଧାନରେ ମହିଷା ରୋଗର ଲକ୍ଷଣ ଦେଖାଗଲେ, ପ୍ରତି ୨୦୦ ଲିଟର ପାଣିରେ ୮୦ ଗ୍ରାମ tebuconazole ୫୦% ସହିତ trifloxystrobin ୨୫% W.G. କିମ୍ବା isoprothiolane ୪୦ E.C. ୩୦୦ ମି.ଲି. ସିଂଚନ କରନ୍ତୁ । ୭ ରୁ ୧୦ ଦିନ ବ୍ୟବଧାନରେ ଆଉଥରେ ପ୍ରୟୋଗ କରନ୍ତୁ । □ ଧାନରେ ଉକୁଣିଆ ପୋକ ଦେଖାଗଲେ, ଏକର ପ୍ରତି ୮୦୦ ମି.ଲି. Azadirachtin କିମ୍ବା ୨୦୦ ମି.ଲି. Lambda cyhalothrin କିମ୍ବା Thiamethoxam ୨୫% W.G. ୪୦ ଗ୍ରାମ ପ୍ରୟୋଗ କରନ୍ତୁ । □ ପନିପରିବା ଫସଲରେ ଅଙ୍ଗୀୟ ଅବସ୍ଥା ସମୟରେ ଧଳାମାଛି, ଜଉ ପୋକ ଓ ପତ୍ର ଡିଆଁ ପୋକ ର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ହଳଦିଆ ରଙ୍ଗର ଯନ୍ତା ଓ ଉକୁଣିଆ ପୋକ ପାଇଁ ନୀଳ ରଙ୍ଗର ଯନ୍ତା ବ୍ୟବହାର କରନ୍ତୁ । □ ଆଖୁ ବିହନ ଲଗାଇବା ପୂର୍ବରୁ ବିହନ ବିଶୋଧନ ନିହାତି ଜରୁରୀ । ବିହନ ବିଶୋଧନ କରିବା ପାଇଁ ୧୦୦- ଲିଟର ପାଣିରେ ୧୫୦-ଗ୍ରାମ Carbendazim ନାମକ ଫିମ୍ପିନାଶକ, ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରନ୍ତୁ। ଏହିଦ୍ରବଣ ରେ ଆଖୁ ଖଣ୍ଡ ଗୁଡିକୁ ୩୦ ମିନିଟ ବୁଡାଇ ମୁଖ୍ୟ ଜମିରେ ଲଗାନ୍ତୁ । □ ଶଙ୍କର ବା ହାଇବ୍ରୀଡ କିସମ ଭେଣ୍ଡି ପାଇଁ ଏକର ପ୍ରତି ୧.୫ କିଲୋଗ୍ରାମ ବିହନ ଉପଯୋଗୀ । ଶଙ୍କର ବିହନ ପାଇଁ ଏକର ପ୍ରତି ୩୫-କିଲୋଗ୍ରାମ ଡିଏପି, ୨୫- କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସହତି ୨୦-କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରି କୁ ଧାଡି କୁ ଧାଡି ୬୦ ସେମି ଏବଂ ଗଛ କୁ ଗଛ ୪୫ ସେମି ବ୍ୟବଧାନ ରେ ଲଗାନ୍ତୁ । □ ବର୍ତମାନ ମାଟିର ତାପମାତ୍ରା ୫ ରୁ ୧୦ ସେମି ଗଭୀରରେ ୩୦ ଡିଗ୍ରୀ ସେଲସିୟସ ରୁ ଅଧିକ ରହୁଥିବାରୁ ତାହା ଆଳୁ ଫସଲକୁ ପ୍ରଭାବିତ କରିଥାଏ । ତେଣୁ ମାଟି କୁ ଆବଶ୍ୟକୀୟ ଆଚ୍ଛାଦିକାରଣ ଓ ଜଳ ସେଚନ କରନ୍ତୁ । |

### ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| □ ଅଧିକ ଅମଳକ୍ଷମ ଧାନ କିସମ ପାଇଁ ପିଲସାର ହିସାବ ରେ ଧାନ ରୋଇବାର 3 ସପ୍ତାହ ବେଳକୁ ଏକର ପ୍ରତି 35 କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । |

### ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | □ କାଣ୍ଡ ବିନ୍ଧା ପୋକ ଧାନ ଫସଲ ରେ କାଣ୍ଡ ବିନ୍ଧା ପୋକ ର ପ୍ରଜାପତି ଦେଖାଦେଲେ ଏକର ପ୍ରତି ୮-କିଲୋଗ୍ରାମ Cartap hydrochloride ୪G ନାମକ ଦାନାଦାର କୀଟନାଶକ କିମ୍ବା ୧୦-କିଲୋଗ୍ରାମ Fipronil ନାମକ ଦାନାଦାର କୀଟନାଶକ କିମ୍ବା ୪-କିଲୋଗ୍ରାମ Chlorantraniliprole ନାମକ ଦାନାଦାର କୀଟନାଶକ କିମ୍ବା ୬-କିଲୋଗ୍ରାମ Imidacloprid ନାମକ ଦାନାଦାର ର କୀଟନାଶକ ,ସମାନ ଓଜନ ର ବାଲି ସହ ମିଶାଇ ପ୍ରୟୋଗ କରନ୍ତୁ । |
| ବାଦାମ | □ କାଣ୍ଡ ପଚା ରୋଗ ପରିଚାଳନା ଚିନାବାଦାମ ଫସଲରେ କାଣ୍ଡ ପଚା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦୦-ମି.ଲି Validamycin ନାମକ ଫିମ୍ପିନାଶକ କିମ୍ବା ୩୦୦- ଗ୍ରାମ Captan ଓ Hexaconazole ର ମିଶ୍ରିତ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ମାଟିକୁ ଭଲ ଭାବରେ ଭିଜାନ୍ତୁ । |
| ବିରି | □ ଧଳା ମାଛି ଧଳା ମାଛି ର ନିୟନ୍ତ୍ରଣ ପାଇଁ ଏକର ପ୍ରତି triazophos @ ୪୦୦ ମିଲି କିମ୍ବା Acetamipride @ ୪୦ ଗ୍ରାମ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |

### ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଇଗଣ | □ ଛୋଟ ପତ୍ର ରୋଗ ବାଇଗଣ ର ଛୋଟ ପତ୍ର ରୋଗ ମାଇକୋପ୍ଲାଜମା ନାମକ ଏକ ଅଣୁଜୀବ ଜନିତ ରୋଗ । ପତ୍ରଡିଆଁ ପୋକ ଏହି ରୋଗର ବାହକ ଅଟେ । ବାଇଗଣ ର ଛୋଟ ପତ୍ର ରୋଗର ପରିଚାଳନା ପାଇଁ ପ୍ରଥମେ ଜମି ରୁ ରୋଗାକ୍ରାନ୍ତ ଗଛ ଗୁଡ଼କୁ ଓପାଡି ଦୂରରେ ପୋତିଦିଅନ୍ତୁ। ଏହି ରୋଗର ବାହକ ପତ୍ରଡିଆଁ ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୬୦ ଗ୍ରାମ Flonicamid ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ଘୋଡ଼ା ଲଙ୍କା | □ ଅଷ୍ଟପଦୀ ପୋକ - ଲଙ୍କାମରିଚ ଫସଲରେ ଅଷ୍ଟପଦୀ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି Ethion ନାମକ କୀଟନାଶକ କିମ୍ବା ୨୦୦ ମିଲି Spiromesifen ନାମକ କୀଟନାଶକ କିମ୍ବା ୬୦୦ ମିଲି Propargite ନାମକ କୀଟନାଶକ, ୨୦୦ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ଲଙ୍କା | □ ଅଷ୍ଟପଦୀ ପୋକ - ଲଙ୍କାମରିଚ ଫସଲରେ ଅଷ୍ଟପଦୀ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି Ethion ନାମକ କୀଟନାଶକ କିମ୍ବା ୨୦୦ ମିଲି Spiromesifen ନାମକ କୀଟନାଶକ କିମ୍ବା ୬୦୦ ମିଲି Propargite ନାମକ କୀଟନାଶକ, ୨୦୦ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ଫୁଲକୋବି | □ ପତ୍ରଖିଆ ପୋକ ଏହି ପୋକ ଗୁଡିକର ପରିଚାଳନା ପାଇଁ ନିୟମିତ ଭାବରେ ଫସଲ ର ସର୍ବେକ୍ଷେଣ କରି ଶୁକ ଓ ଅଣ୍ଡା ପୁଞ୍ଜ ଗୁଡ଼ିକୁ ହାତରେ ଧରି ନଷ୍ଟ କରି ଦିଅନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୧ ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM Azadirachtin କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି କୀଟ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Tolfenpyrad ନାମକ କୀଟନାଶକ କିମ୍ବା ୨୦ ଗ୍ରାମ Flubendiamide ନାମକ କୀଟନାଶକ ମିଲୁଛି କିମ୍ବା ୭୫ ମିଲି Spinosad, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ତରବୁଜ | □ ବର୍ତମାନ ର ଶୁଷ୍କ ଓ ଉଷ୍ମ ପାଗ ତରଭୁଜ ଚାଷ ପାଇଁ ଉପଯୁକ୍ତ ସମୟ । ଉର୍ନତ କିସମ ଯଥା ସୁଗାର ବେବି, ଅର୍କ ମାଣିକ, ଲାଲ ସୋନା ଓ ଶଙ୍କର ବା ହାଇବ୍ରୀଡ କିସମ ଯଥା ମାଧୁରୀ, ମାୟା, ସୁଇଟ ରୁବି, ବ୍ଲାକ ମ୍ୟାଜିକ ଓ ସୁଗାର ପ୍ୟାକ ଆଦି କିସମ ଲଗାନ୍ତୁ । ଏକ ଏକର ପାଇଁ ୪୦୦ ରୁ ୮୦୦ ଗ୍ରାମ ମଞ୍ଜି ଆବଶ୍ୟକ ହୋଇଥାଏ । ମଞ୍ଜି ଲଗାଇବା ପୂର୍ବ ରୁ ପ୍ରତି କିଲୋଗ୍ରାମ ମଞ୍ଜି କୁ ୧ ଗ୍ରାମ carbendazim ରେ ବିଶୋଧନ କରନ୍ତୁ । |
| ଆମ୍ବ | □ ଦହିଆ ପୋକ ବର୍ତମାନ ଜଳବାୟୁ ରେ ପିଜୁଳି ଓ ଆମ୍ବ ରେ ଦହିଆ ପୋକ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ଫେବ୍ରୁଆରି ଓ ମାର୍ଚ ମାସରେ Dimethoate ୩୦ EC @ ୨ ମିଲି ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ନଡ଼ିଆ | □ ଚକ୍ରାକାର ଧଳା ମାଛି ଚକ୍ରାକାର ଧଳା ମାଛିର ପରିଚାଳନା ପାଇଁ ନଡିଆ ଗଛ ରେ ହଳଦିଆ ଅଠାଳିଆ ଯନ୍ତା ଲଗାନ୍ତୁ । ପ୍ରାଥମିକ ଅବସ୍ଥାରେ ପୋକ ଗୁଡ଼ିକର ପରିଚାଳନା ପାଇଁ ପ୍ରତି ୧୦- ଲିଟର ପାଣିରେ ୩୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ (Azardirachtin) ମିଶାଇ ପତ୍ର ଉପରେ ସିଞ୍ଚନ କରନ୍ତୁ । ପତ୍ର ଉପରୁ କଳା ରଙ୍ଗର କବକ କୁ ବାହାର କରିବା ପାଇଁ ପ୍ରତି ୧୦- ଲିଟର ପାଣି ରେ ୧୦୦-ଗ୍ରାମ ଷ୍ଟାର୍ଚ ମିଶାଇ ଏହିଦ୍ରବଣ କୁ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ପ୍ରତି ୧୦- ଲିଟର ପାଣିରେ ୪-ମି.ଲି Spinosad ନାମକ କୀଟନାଶକ କିମ୍ବା ୪-ଗ୍ରାମ Emamectin Benzoate ନାମକ କୀଟନାଶକ ମିଶାଇ ପତ୍ର ଉପରେ ସିଞ୍ଚନ କରନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଇଣ୍ଡିଆନ ମଜର କାର୍ପ | □ ମାଛର ଧବଳ ରୋଗ ହେଲେ ଧଳା ଧଳା ଭାତୁଡି ଭଳି ଚିହ୍ନ ଦେଖାଯାଏ ଓ ହାତକୁ ଖଦଡା ଲାଗେ । ମାଛ ଦେହରୁ ଅଧିକା ଝାଳ ନିର୍ଗତ ହୁଏ। ଏହାର ପ୍ରତିକାର ପାଇଁ ୨୦୦ ଲିଟର ପାଣି ରେ ୫୦୦ ଗ୍ରାମ ଗୋଟା ଲୁଣ ଭଲ ଭାବେ ମିଶାଇ ଆକ୍ରାନ୍ତ ମାଛକୁ ୫ ମିନିଟ ବୁଡାଇ ପୋଖରୀ ରେ ଛାଡନ୍ତୁ । ଏହି ପ୍ରକ୍ରିୟା ୭ ରୁ ୧୦ ଦିନ ପର୍ଯ୍ୟନ୍ତ କରନ୍ତୁ । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| ନାହିଁ |

**ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):**

| |
|---|
| ନାହିଁ |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**